**OFFICE OF THE TAHASILDAR, ANANDAPUR.**

**No.** 140 **/Touzi/Dt.** 7/1/2021

**To**

**The District Informatics Officer,**
**N.I.C., Keonjhar.**

**Sub.:** **Uploadation of long quarry lease notice relating to Anandapur Tahasil in the District website.**

Sir,

In enclosing herewith the long term quarry lease notice of this Tahasil, I am to request you to please upload the same in District Website for information of general public in order to invite application from the indenting applicants.

Yours faithfully,

**Encl.: As above.**

**Tahasildar, Anandapur.**

**Memo No.** __________ **/Touzi/Dt.** __________

Copy submitted to the Additional district Magistrate, Keonjhar/Sub-Collector, Anandapur for favour kind information.

**Tahasildar, Anandapur.**

# ତହସିଲ କାର୍ଯ୍ୟାଳୟ, ଆନନ୍ଦପୁର, ଜିଲ୍ଲା - କେନ୍ଦୁଝର

## ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ

E-mail : tahasildar_anandapur @ rediffmail.com

ପତ୍ର ସଂଖ୍ୟା ________ ତା. ____________

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଆନନ୍ଦପୁର ତହସିଲ ଅଧିନସ୍ଥ ବୈତରଣୀ ନଦୀ ବାଲି ଶଯ୍ୟା, ଅମାରଙ୍ଗ ଓ ବୈତରଣୀ ନଦୀ ବାଲି ଶଯ୍ୟା ଟୁକୁଣା ସଇରାତ ଉତ୍ସ ଦୁଇଟିର ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ ) ନିୟମାବଳୀ ୨୦୧୬, ୨୦୧୭ ଅନୁଯାୟୀ ଆଗାମୀ ପାଞ୍ଚ ବର୍ଷ ନିମନ୍ତେ୨୦୨୦ – ୨୧ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ ପାଞ୍ଚ ବର୍ଷୀୟ ଦୀର୍ଘ ମିଆଦି ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରା ଯାଉଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ ) ନିୟମାବଳୀ ୨୦୧୬ ଅନୁଯାୟୀ FORM – M ପୂରଣ କରି ଏହାର ତିନିକିତା କପି ସହିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି sealed cover ରେ ତହସିଲ ଆନନ୍ଦପୁର କାର୍ଯ୍ୟାଳୟରେ ଥିବା drop box ରେ ବିଜ୍ଞାପନ ପ୍ରକାଶ ଦିନ ଠାରୁ ତା ୨୮.୦୧.୨୦୨୧ ରିଖ ଅପରାହ୍ନ ଘ୫.୩୦ଟିକା ମଧ୍ୟରେ ପକାଇ ପାରିବେ ( ଛୁଟି ଦିନ ବ୍ୟତୀତ) । ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖା ଥିବା ଆବଶ୍ୟକ । ତା ୨୮.୦୧.୨୦୨୧ ରିଖ ସକାଳ ଘ୧୧.୦୦ଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ ଯୋଗ୍ୟ ଲିଜଧାରୀ ଚୟନକରାଯିବ । ସୈରାତ ଉତ୍ସଟି ପ୍ରଥମ ତାରିଖରେ ଚୁଡାନ୍ତ ହୋଇନପାରିଲେ ସେହି ଉତ୍ସ ପାଇଁ ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ଧାର୍ଯ୍ୟ ସମୟରେ ପୂର୍ବପରି ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ତନଖି କରାଯାଇ ଯୋଗ୍ୟ ଲିଜଧାରୀ ଚୟନକରାଯିବ । ଧାର୍ଯ୍ୟ ତାରିଖ ଅତିବାହିତ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ଖାରଜ କିମ୍ବା ସ୍ଥଗିତ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ କେନ୍ଦୁଝରଙ୍କର ରହି ଅଛି । ଉକ୍ତ ବିଜ୍ଞାପନର ସବିଶେଷ ବିବରଣୀ ତଥା ସୈରାତ ଉତ୍ସଟିର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ କେନ୍ଦୁଝର ଜିଲ୍ଲା website http://kendujhara.nic.in / ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ଉପଜିଲ୍ଲାପାଳ, ଆନନ୍ଦପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଆନନ୍ଦପୁର ଙ୍କ ନୋଟିସ ବୋର୍ଡ/ ନିର୍ବାହୀ ଯନ୍ତ୍ରୀ, ବୈତରଣୀ ବ୍ୟାରେଜ ପ୍ରକଳ୍ପ, ଆନନ୍ଦପୁର ଙ୍କ ନୋଟିସ ବୋର୍ଡ/ ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଆନନ୍ଦପୁର ଙ୍କ ନୋଟିସ ବୋର୍ଡ/ ନିର୍ବାହୀ ଅଧିକାରୀ, ଆନନ୍ଦପୁର ପୌର ପରିଷଦଙ୍କ ନୋଟିସ ବୋର୍ଡ/ ତହସିଲଦାର, ଘଷିପୁରା/ ହାଟଡ଼ିହିଙ୍କ ନୋଟିସ ବୋର୍ଡ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆନନ୍ଦପୁର/ ଘଷିପୁରା/ ହାଟଡ଼ିହିଙ୍କ ନୋଟିସ ବୋର୍ଡରେ ଉପଲବ୍ଧ ହେବ ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା , କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ଅଛି ।

ନିଲାମ ସ୍ଥାନ – ତହସିଲ କାର୍ଯ୍ୟାଳୟ , ଆନନ୍ଦପୁର

ନିଲାମ ତାରିଖ ଓ ସମୟ – ପ୍ରଥମ ପର୍ଯ୍ୟାୟ – ତା. ୨୯.୦୧.୨୦୨୧ରିଖ ଦିବା ୧୧.୦୦ ଘଟିକା

ଦ୍ୱିତୀୟ ପର୍ଯ୍ୟାୟ – ତା ୦୫.୦୨.୨୦୨୧ ରିଖ ଦିବା ୧୧.୦୦ ଘଟିକା

ତୃତୀୟ ପର୍ଯ୍ୟାୟ - ତା ୧୦.୦୨.୨୦୨୧ ରିଖ ଦିବା ୧୧.୦୦ ଘଟିକା

ସ୍ୱା / ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ, ଆନନ୍ଦପୁର

# ତହସିଲ କାର୍ଯ୍ୟାଳୟ, ଆନନ୍ଦପୁର, ଜିଲ୍ଲା - କେନ୍ଦୁଝର

## ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ

E-mail : tahasildar_anandapur @ rediffmail.com

ପତ୍ର ସଂଖ୍ୟା ତା.

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ - ୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ - ୨୦୧୭ ଅନୁଯାୟୀ ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଆନନ୍ଦପୁର ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ସମ୍ପଦ ଖଣିଜ ସମ୍ପଦ ବାଲି ଶଯ୍ୟା ଦୁଇଟି ଆଗାମି ୫ (ପାଞ୍ଚ ) ବର୍ଷ ନିମନ୍ତେ ଚଳିତ ୨୦୨୦-୨୧ ଆର୍ଥିକ ବର୍ଷଠାରୁ ୨୦୨୪-୨୫ ବର୍ଷ ପର୍ଯ୍ୟନ୍ତ ଲିଜ ନିମିତ୍ତ ନିମ୍ନ ସାରଣୀ ମୁତାବକ ଧାର୍ଯ୍ୟ, ସ୍ଥାନ ଓ ତାରିଖ ସମୟରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ **OMMC (Ammendment) Rules-2016 From M** ପୂରଣ କରି ଏହାର ୩ କପି ସହ ନିମ୍ନ ଲିଖିତ ଦସ୍ତାବିତ ସଂଲଗ୍ନ କରି **sealed cover**ରେ ଆବେଦନ କରିବେ ଯାହାକ ନିମ୍ନ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ ଏବଂ ଯୋଗ୍ୟ ଲିଜଧାରୀ ଚୟନକରାଯିବ । ଯେଉଁ ସଇରାତ ଉତ୍ସଟି ପ୍ରଥମ ତାରିଖରେ ଚୂଡାନ୍ତ ହୋଇ ନପାରିବ ସେହି ଉତ୍ସପାଇଁ ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ଧାର୍ଯ୍ୟ ସମୟରେ ପୂର୍ବପରି ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ । ଧାର୍ଯ୍ୟ ତାରିଖ ଅତି ବାହିତ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । କୌଣସି କାରଣ ନଦର୍ଶାଇ ଉକ୍ତ ନିଲାମକୁ ସଂଶୋଧନ, ଖାରଜ କିମ୍ବା ସ୍ଥଗିତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କେନ୍ଦୁଝର ଙ୍କର ରହିଅଛି । ପ୍ରକାଶ ଥାଉକି, ପ୍ରତି ନିଲାମ ତାରିଖର ପୂର୍ବ କାର୍ଯ୍ୟ ଦିବସ ଅପରାହ୍ନ ଘ. ୫.୩୦ ଟିକା ପର୍ଯ୍ୟନ୍ତ ଦରଖାସ୍ତ ଗୁଡିକ ତହସିଲଦାର ଆନନ୍ଦପୁରଙ୍କ କାର୍ଯ୍ୟାଳୟରେ ଥିବା **Drop Box**ରେ ପକାଇ ପାରିବେ । (ଛୁଟିଦିନ ବ୍ୟତିତ) ।

ଉତ୍ସ ଦୁଇଟିର ବିବରଣୀ ଦରଖାସ୍ତ କରିବାର ନିୟମବଳୀ ଓ ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ କେନ୍ଦୁଝର ଜିଲ୍ଲା **website, www.kendujhar.nic.in** ଅଧିନରେ ଉପଲବ୍ଧ ହେବ ଓ ଅନ୍ୟ କୌଣସି ତଥ୍ୟ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ଆନନ୍ଦପୁର ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଧାର୍ଯ୍ୟ ତାରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲିକ୍ଷିତ ହେଏ, ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ଅଛି ।

ନିଲାମ ସ୍ଥାନ - ଆନନ୍ଦପୁର ତହସିଲ କାର୍ଯ୍ୟାଳୟ

ନିଲାମ ତାରିଖ ଓ ସମୟ – ପ୍ରଥମ ପର୍ଯ୍ୟାୟ – ତା. ୨୯.୦୧.୨୦୨୧ରିଖ ଦିବା ୧୧.୦୦ ଘଟିକା
ଦ୍ୱିତୀୟ ପର୍ଯ୍ୟାୟ – ତା ୦୫.୦୨.୨୦୨୧ ରିଖ ଦିବା ୧୧.୦୦ ଘଟିକା
ତୃତୀୟ ପର୍ଯ୍ୟାୟ - ତା ୧୦.୦୨.୨୦୨୧ ରିଖ ଦିବା ୧୧.୦୦ ଘଟିକା

ସ୍ୱା/-ତହସିଲଦାର – ତଥା
କ୍ଷମତା ପ୍ରାପ୍ତ ଅଧିକାରୀ,
ଆନନ୍ଦପୁର

## ଦରଖାସ୍ତ ସହିତ ଆବଶ୍ୟକୀୟ ଦସ୍ତାବିଜ

୧. ଦରଖାସ୍ତ ପାଉଣା ବାବଦ ଟ. ୧୦୦୦ଙ୍କା (ଅଣଫେରସ୍)ର ଟ୍ରେଜେରି ଚାଲାଣ )(**Head of Account – 0853 – Non-Ferrous Mining and Metallurgical Industries – 102 – Mineral Concession Fees, Rents and Royalities)**

୨. ପ୍ରସ୍ତାବିତ ସୌରାତ ଉତ୍ସର ତଫସିଲ ସହ ଚୌହଦିର ସମ୍ପୂର୍ଣ୍ଣ ବିବରଣୀ (ସମ୍ପୃକ୍ତ ସୌରାତ ଉତ୍ସକୁ ପରିଦର୍ଶନକରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳ କରି ସଂଲଗ୍ନ କରିବେ) ।

୩. ଆନନ୍ଦପୁର ତହସିଲ ଅଧିନରେ ଥିବା ସୌରାତ ଉତ୍ସ ବାବଦରେ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୪. **Bank Guarantee** କିମ୍ବା Solvency certificate ଯାହାକି ଆଗାମୀ ୧୮ ମାସ ପାଇଁ ବୈଧ ହେଉଥିବା ବାଂଛନୀୟ । ଏହି **Bank Guarantee** କିମ୍ବା Solvency certificate ଫର୍ମରେ ଦର୍ଶାଇଥିବା ମୂଲ୍ୟ ଅନୁସାରେ ଏକ ବର୍ଷ ପାଇଁ ରୟାଲଟି ଦେୟ ଠାରୁ କମ୍ ହେଲେ ଗ୍ରହଣୀୟ ନୁହେଁ ।

୫. ସରକାରୀ ଦର ସହ ଅତିରିକ୍ତ ଦେୟ କୁ ମିଶାଇ ବାର୍ଷିକ ରୟାଲଟିର ୫ ପ୍ରତିଶତ ଅର୍ଥ ରାଶି ଅମାନତ ରୂପେ ତହସିଲଦାର, ଆନନ୍ଦପୁରଙ୍କ ନିକଟରେ ବ୍ୟାଙ୍କଡ୍ରାଫ୍ଟ ଆକାରରେ ଦାଖଲ କରିବେ । ଅବଶିଷ୍ଟ ଦେୟ ଲିଜଚୁଡାନ୍ତ ପରେ ପଇଠ କରିବେ ।

୬. M-Form ରେ ଦର୍ଶାଇଥିବା ଦର ଓ ଅତିରିକ୍ତ ଦରକୁ ମିଶାଇ ହିସାବ ହେଉଥିବା ବାର୍ଷିକ ରୟାଲଟି କିମ୍ବା ତଦୁର୍ଦ୍ଧ ରାଶିର ଏକ ସମ୍ପତିଗତ ପ୍ରମାଣପତ୍ର ଦରଖାସ୍ତ ସହ ସଲଗ୍ନ ରହିବା ବିଧେୟ ଯାହାକି ସ୍ଥାବର ସମ୍ପତିକୁ ନେଇ ରାଜସ୍ୱ ଅଧିକାରୀଙ୍କଦ୍ୱାରା ପ୍ରଦତ୍ତ ହୋଇଥିବା ଆବଶ୍ୟକ ।

## ବିଶେଷ ସର୍ତାବଳୀ –

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୧୬ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୧୭ ଓ **Manual of Tahasil Account** ର ପରସର ଭୁକ୍ତ ରହିବ ।

୨. ପ୍ରଚଳିତ ନିୟମାବାଳୀ ଅନୁଯାୟୀ ସୌରାତ ଉତ୍ସର ଅତିରିକ୍ତ ଦେୟ ଧାର୍ଯ୍ୟ କରାଯାଇଅଛି । ଏହି ଅତିରିକ୍ତ ଦେୟ ଉପରେ ନିଲାମଧାରୀ ଉତ୍ସଟିକୁ କେତେରେ ନେବାକୁ ଚାହୁଛନ୍ତି ଦରଖାସ୍ତରେ ଉଲ୍ଲେଖ କରିବେ । ସର୍ବୋଚ୍ଚ ନିଲାମଧାରିଙ୍କୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩. ଯଦି ନିଲାମଧାରୀ ନିର୍ଦ୍ଧାରିତ ସମୟରେ ଅଧିକୃତ ଅଧିକାରୀଙ୍କ ଦ୍ୱାରା ବା ଅନୁମୋଦିତ **Mining Plan (in ZB Form)** ଓ ପରିବେଶ ମଞ୍ଜୁରି ସମ୍ବନ୍ଧୀୟ କାଗଜପତ୍ର ଦାଖଲ ନକରନ୍ତି ତେବେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ।

୪. ଚୟନ ହୋଇଥିବା ଲିଜଧାରୀ ଚୟନ ହେବାର ୧୫ ଦିନ ମଧ୍ୟରେ ସେହି ଆର୍ଥିକ ବର୍ଷ ପାଇଁ ଡାକିଥିବା ଅତିରିକ୍ତ ଦେୟ, ଧାର୍ଯ୍ୟ ଗଚ୍ଛିତ ଖଣିଜ ଦ୍ରବ୍ୟର ରୟାଲିଟି ଏବଂ **District Mineral Foundation** ର ଦେୟ ପଇଠ କରିବାକୁ ପଡିବା ସମ୍ପୃକ୍ତ ରାଶି ପୈଠ ହେଲା ପରେ ପରିବେଶ ମଞ୍ଜୁରୀ ଆଣି ରେଜିଷ୍ଟ୍ରେସନ **Act. 1908** ଓ ଷ୍ଟାମ୍ପ **Act** ୧୮୯୯ ଅନୁଯାୟୀ ଚୁକ୍ତିପତ୍ର **(Lease Deed)** ଷ୍ଟାମ୍ପ ସମ୍ପାଦନ କରିବେ ଏବଂ ଉତ୍ସ ପରିଚାଳନା କରିବେ ।

୫. ଯଦି ସର୍ବୋଚ୍ଚ ରୟାଲିଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅମାନତ ରାଶି / ନିଲାମ ରାଶି / ପରିବେଶ ମଞ୍ଜୁରି ଦାଖଲ କରିବାରେ ଖିଲାପ କରନ୍ତି ତାହେଲେ କେବଳ ଦ୍ୱିତୀୟ ସର୍ବାଧିକ ନିଲାଧାରୀ ମାନଙ୍କୁ ସୁଯୋଗ ଦିଆଯିବ ।

୬. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ଦେୟ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୭. ନିଲାମଧାରୀ **OMMC (Amendment) Rule – 2016** ଓ **2017** ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ ହେବେ ।

୮. ସର୍ବୋଚ୍ଚ ନିଲାମଧାରୀଙ୍କ ଦ୍ୱାରା ମୂଲ୍ୟାଙ୍କ ହୋଇଥିବା ରୟାଲିଟିରେ ଯଦି ଚୁକ୍ତିପତ୍ର ସମ୍ପାଦନା ଅବଧି ଭିତରେ କୌଣସି ବୃଦ୍ଧି ଘଟିଥାଏ ତେବେ ଏହା ତାଙ୍କ ପାଇଁ ଲାଗୁ ହେବ ।

୯. ଲିଜଦାରୀ ଜମା ଦେୟର ୨% ଆୟକର (T.D.S) ବାବଦକୁ ଚାଲଣ ଆକାରରେ ଜମାକରିବେ ଏବଂ ରୟାଲିଟି ର୧୦% ଜିଲ୍ଲା ଖଣିଜ ପାଣ୍ଠି ଓ ଶତକଡା ୫ ଭାଗ ଅର୍ଥ, ପରିବେଶ ପରିଚାଳନା ପାଣ୍ଠିକୁ ଦେୟ ରୂପେ ପୈଠ କରିବାକୁ ପଡିବ ।

୧୦. ଲିଜଧାରି ଲିଜ ଅବଧି ମଧ୍ୟରେ ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ବାର୍ଷିକ ସମସ୍ତ ଦେୟ (ଯଥା, ରୟାଲିଟି, ଅତିରିକ୍ତ ଦେୟ ଓ ଅନ୍ୟାନ୍ୟ ଲିଜ ଦେୟ) ବର୍ଷ ଆରମ୍ଭରୁ ପାଇଠ କରିବେ ।

୧୧. ଲିଜ ଚୁକ୍ତିନାମା ସମ୍ପାଦାନା ପରେ ଧାର୍ଯ୍ୟ ଅବଧି ଶେଷ ମଧ୍ୟରେ ମଧ୍ୟରେ ଯଦି ଓଡିଶା ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଅନୁସୂଚୀ – ୨ (Schedule – II)ରେ ଉଲ୍ଲିଖିତ ଲଘୁ ଖଣିଜ ଦ୍ରବ୍ୟର ଦର ବୃଦ୍ଧି ଘଟେ, ତାହାହେଲେ ଲିଜଧାରୀ ଦରବୃଦ୍ଧି ଅନୁଯାୟୀ ରାୟାଲିଟି ଦରବୃଦ୍ଧି ତାରିଖ ଠାରୁ ପଇଠ କରିବେ ।

୧୨. ଲିଜରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ଉତ୍ସଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରକାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ଉତ୍ସର ପରିଚାଳନା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ଲଘୁ ଖଣିଜ ପଦାର୍ଥ ଉତ୍ସର ପରିଚାଳନା ସମ୍ପର୍କରେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷୟକ୍ଷତି ନିମନ୍ତେ କର୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୩. ଯଦି ଏହି ସୈରାତ ଉତ୍ସର ଅନୁମୋଦନ ପରିବେଶ ମଞ୍ଜୁରୀ ପୂର୍ବରୁ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇ ଥାଏ । ତେବେ ଉକ୍ତ ଖର୍ଚ୍ଚ ରାଶି ଲିଜଧାରୀ ବହନ କରିବେ । ଯଦି ଏହି କାର୍ଯ୍ୟ କରାଯାଇ ନଥାଏ ତେବେ ଲିଜଧାରୀ ଅନୁମୋଦନ କରାଇ ପରିବେଶ ମଞ୍ଜୁରି ପ୍ରାପ୍ତ ପରେ ଲିଜ୍ ରାଜିନାମ ପରେ ଉତ୍ସ ପରିଚାଳନା କରିବାକୁ ଯୋଗ୍ୟ ହେବେ । ଏହା ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବିଜ୍ଞପ୍ତ ସଂଖ୍ୟା ଏସ୍. ଓ. ୧୫୩୩ ତା. ୧୪.୦୯.୨୦୦୬ ଅନୁଯାୟୀ ଉତ୍ସ ପରିଚାଳନା ପାଇଁ ବାଧତା ମୂଳକ ଅଟେ ।

୧୪. ଲିଜ ପ୍ରଦାନ ପରେ ସୈରାତ ଉତ୍ସର କ୍ଷେତ୍ର ପରିବର୍ତ୍ତନ କରାଯାଇପାରିବ ନାହିଁ ।

୧୫. ସର୍ବୋଚ୍ଚ ଦରର ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଲିଜଧାରୀ ଯଦି ସମସ୍ତ ଦେୟ ଟଙ୍କା ଜମା କରିବା ପରେ ବା ଲିଜ ଚୁକ୍ତିନାମା ସମ୍ପାଦନା କରିବା ପରେ ମୃତ୍ୟୁବରଣ କରନ୍ତି ତେବେ ଉକ୍ତ ଜମା ଚୁକ୍ତିନାମା ତାଙ୍କର ଉତରାଧିକାରୀ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତି ପ୍ରତିନିଧିଙ୍କ ଦ୍ୱାରା ସମ୍ପାଦିତ ହୋଇଛି ବୋଲି ଧରି ନଆଯିବ ।

୧୬. ଲିଜଧାରୀ ନିଜ ଦାୟିତ୍ୱରେ ପରିବେଶ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବେ ।

୧୭. ବାଲି ନିଲାମଧାରୀ ନଦୀ ଶଯ୍ୟାର ୩ ମିଟର ଗଭିରତା ଓ ଜଳସ୍ତର ମଧ୍ୟରୁ ଯେଉଁଟି କମ୍ ସେହି ଗଭିରତାରୁ ଅଧିକ କିମ୍ବା ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତିକ୍ରମ କରି ବାଲି ଖନନ କରିପାରିବେ ନାହିଁ ।

୧୮. ସମ୍ବାଦପତ୍ରରେ ବିଜ୍ଞପ୍ତି ପ୍ରକାଶନର ସମସ୍ତ ଖର୍ଚ୍ଚ ନିଲାମଧାରୀ ବହନ କରିବେ । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ଅଧିକାରୀଙ୍କର ଅଛି ।

୧୯. ଏତତ୍ ବ୍ୟତିତ ଅତିରିକ୍ତ ମୂଲ୍ୟ ବାବଦ କୌଣସି ନିର୍ଦ୍ଦେଶନାମା ଉଚ୍ଚ କର୍ତ୍ତୃପକ୍ଷ ଠାରୁ ହସ୍ତଗତ ହୁଏ ତେବେ ଲିଜଧାରୀ ତାହା ମାନିବାକୁ ବାଧ ହେବେ ।

## ସଇରାତ ଉତ୍ସଗୁଡିକର ବିବରଣୀ

| କ୍ର. ସଂ. | କେସ ନଂ. | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା | ସର୍ବନିମ୍ନ ବାର୍ଷିକ ଗଚ୍ଛିତ ଥିବା ଖଣିଜ ପଦାର୍ଥର ପରିମାଣ (ଆନୁମାନିକ) | ରୟାଲ୍ଟି ମୂଲ୍ୟ (ଘ.ମି. ପ୍ରତି) | ଅତିରିକ୍ତ ଦେୟ |
|---|---|---|---|---|---|---|---|---|---|
| ୧. | ୨ /୨୦-୨୧ | ବୈତରଣୀ ନଦୀର ବାଲି ଶଯ୍ୟା, ଟୁକୁଣା | ଟୁକୁଣା | ୧୧୧ | ୧୪୫୫/୧ | ଏ.୧୭.୬୮ | ୧୯୦୨୦ | ୩୫ | ୧.୭୫ |
| ୨ | ୩/୨୦-୨୧ | ବୈତରଣୀ ନଦୀର ବାଲି ଶଯ୍ୟା, ଅମାରଙ୍ଗ | ଅମାରଙ୍ଗ | ୨୪୦ | ୧୩୧୫ | ଏ.୩୨.୦୦ | ୨୦୬୫୦ | ୩୫ | ୧.୭୫ |

ସ୍ବା/

ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ,
ଆନନ୍ଦପୁର

ପରିପତ୍ର ସଂଖ୍ୟା 143 ତାରିଖ 7/1/2021

ଉକ୍ତ ନୋଟିସ୍‌ର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ, କେନ୍ଦୁଝର / ତଉଜି ଅଧିକାରୀ, କେନ୍ଦୁଝର / ଉପ-ଜିଲ୍ଲାପାଳ, ଆନନ୍ଦପୁର / **D.I.O., NIC, Keonjhar**ଙ୍କର ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଆନନ୍ଦପୁର

ପରିପତ୍ର ସଂଖ୍ୟା __________ ତାରିଖ __________

ଉକ୍ତ ନୋଟିସ୍‌ର ଏକକିତା ନକଲ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଆନନ୍ଦପୁର / ନିର୍ବାହୀ ଯନ୍ତ୍ରୀ, ବୈତରଣୀ ବ୍ୟାରେଜ୍ ପ୍ରକଳ୍ପ, ଆନନ୍ଦପୁର / ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଆନନ୍ଦପୁର / ନିର୍ବାହୀ ଅଧିକାରୀ, ଆନନ୍ଦପୁର ପୌର ପରିଷଦ / ତହସିଲଦାର, ଘସିପୁରା / ତହସିଲଦାର, ହାଟଡିହି / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଘସିପୁରା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆନନ୍ଦପୁର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ହାଟଡିହିଙ୍କର ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଆନନ୍ଦପୁର

ପରିପତ୍ର ସଂଖ୍ୟା __________ ତାରିଖ __________

ଉକ୍ତ ନୋଟିସ୍‌ର ଏକକିତା ନକଲ ଅତ୍ର ତହସିଲର ରଜସ୍ବ ନିରୀକ୍ଷକ, ପଞ୍ଚୁପଲ୍ଲୀ/ କଣ୍ଡୋ/ ସଂପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଙ୍କର ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯିବା ସହିତ ଯେପରି ଆଗ୍ରହୀ ବ୍ୟକ୍ତି ବିଶେଷ / ଅନୁଷ୍ଠାନ ଆଦି ନିର୍ଦ୍ଧାରିତ ସମୟରେ ନିଲାମରେ ଭାଗ ନେବେ ସେଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଗଲା ।

ଅତ୍ର ତହସିଲ ନୋଟିସ୍ ବୋର୍ଡ଼କୁ ଉକ୍ତ ନୋଟିସ୍ ର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନମିନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଆନନ୍ଦପୁର